# NATIONAL NEWS BULLETIN (ODIA)

## 16 August 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ମହିଳା ସଂରକ୍ଷଣ ପ୍ରସ୍ତାବକୁ ସମର୍ଥନ କରିବାକୁ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ
- ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗତକାଲି ପ୍ରଥମଥର ପାଇଁ ଆନ୍ତର୍ଜାତିକ ସ୍ତରରେ ଆୟୋଜିତ ହୋଇଛି ସୂର୍ଯ୍ୟପଥ ତ୍ରିରଙ୍ଗା ବିଶ୍ୱ ରିଲେ କାର୍ଯ୍ୟକ୍ରମ
- ତାମିଲନାଡୁକୁ ଆଜିଠାରୁ ୨ ଦିନିଆ ଗସ୍ତରେ ଯିବେ ଉପରାଷ୍ଟ୍ରପତି
- ରାଜସ୍ଥାନର ଅଲ୍ୱାର ଠାରେ ଆଜି ଏକ ନୂତନ ଦୁଗ୍ଧ ପ୍ଲାଣ୍ଟର ଶିଳାନ୍ୟାସ କରିବେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ

ଏବଂ

- ଗାଲେ ଟେଷ୍ଟରେ ଗତକାଲିର ସ୍କୋର ୨ ୱିକେଟ୍‌ରେ ୨୮୮ ରନ୍‌ରୁ ଆଜି ଭାରତ ଆରମ୍ଭ କରିବ ବ୍ୟାଟିଂ

# ପିଏମ୍ ଓମେନ୍ ରିଜର୍ଭେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳା ସଂରକ୍ଷଣ ପ୍ରସ୍ତାବକୁ ସମର୍ଥନ କରିବାକୁ ସବୁ ଦଳକୁ ଅନୁରୋଧ କରିଛନ୍ତି । ଲାଲ୍‌କିଲ୍ଲାରୁ ସ୍ୱାଧୀନତା ଦିବସ ଅବସରରେ ଗତକାଲି ଦେଇଥିବା ଅଭିଭାଷଣରେ ଶ୍ରୀ ମୋଦୀ ରାଜନୈତିକ ଲଢ଼େଇ ନ କରି ମହିଳାଙ୍କୁ ସେମାନଙ୍କ ସମ୍ମାନ ଦେବା ପାଇଁ ଆଗକୁ ଆସିବାକୁ ସବୁ ରାଜନୈତିକ ଦଳକୁ ଆହ୍ୱାନ ଦେଇଛନ୍ତି । ବିଧାନସଭା ଏବଂ ସଂସଦରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବାକୁ ସେ କହିଛନ୍ତି । ଭାରତର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କୁ ସୁଯୋଗ ପ୍ରଦାନ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

**V/O**

# ପ୍ରେଜ୍-ରିସେପ୍‌ସନ୍

୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଅଭ୍ୟର୍ଥନା ସଭାର ଆୟୋଜନ କରିଥିଲେ । ଏଥିରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ କେନ୍ଦ୍ର

ମନ୍ତ୍ରିମଣ୍ଡଳର ସଦସ୍ୟ, କୂଟନୀତିଜ୍ଞ ଏବଂ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଚଳିତବର୍ଷର ସଂସ୍କରଣରେ ଛତିଶଗଡ଼, ଗୋଆ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର କଳାନୈପୁଣ୍ୟ ପ୍ରଦର୍ଶିତ ହୋଇଥିଲା ।

## ସୂର୍ଯ୍ୟପଥ ତ୍ରିରଙ୍ଗା

ଚଳିତବର୍ଷ ପ୍ରଥମଥର ପାଇଁ ଆନ୍ତର୍ଜାତିକ କ୍ଷେତ୍ରରେ ସୂର୍ଯ୍ୟପଥ ତ୍ରିରଙ୍ଗା ବିଶ୍ୱ ରିଲେ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଥିଲା । ପୂର୍ବଭାଗରେ ଫିଜିରୁ ଆରମ୍ଭ ହୋଇ ପଶ୍ଚିମଭାଗରେ ଯୁକ୍ତରାଷ୍ଟ୍ର ଆମେରିକା ପର୍ଯ୍ୟନ୍ତ ୫୪ଟି ଦେଶରେ ଏହା ସଫଳତାର ସହ ଆୟୋଜିତ ହୋଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ସୂର୍ଯ୍ୟୋଦୟ ଆଧାରରେ ବିଭିନ୍ନ ସମୟରେ ସାମିଲ ହୋଇଥିବା ଦେଶଗୁଡ଼ିକରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା । ହରଘର ତ୍ରିରଙ୍ଗା ଅଭିଯାନର ଏକ ଅଂଶ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ଫିଜିରେ ଥିବା ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ରିଲେରେ ପ୍ରବାସୀ ଭାରତୀୟ ସଂପ୍ରଦାୟ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ । ସାନ୍‌ଫ୍ରାନ୍‌ସିସ୍‌କୋଠାରେ ଭାରତର କନ୍‌ସୁଲେଟ୍ ଜେନେରାଲଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଏହି ଅଭିଯାନ ଶେଷ ହୋଇଛି । ପତାକା ଉତ୍ତୋଳନ ସମୟରେ ସବୁ ସ୍ଥାନରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜାତୀୟ ଗୀତ ଗାନ

କରାଯାଇଥିଲା । ଏହି ଅଭିଯାନରେ ବହୁସଂଖ୍ୟାରେ ପ୍ରବାସୀ ଭାରତୀୟଙ୍କ ଅଂଶ ଗ୍ରହଣ ତ୍ରିରଙ୍ଗା ସହ ସେମାନଙ୍କର ଭାବପୂର୍ଣ୍ଣ ସଂପର୍କକୁ ପ୍ରତିଫଳିତ କରିଛି ।

# ଭିପି ତାମିଲନାଡୁ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜିଠାରୁ ଦୁଇଦିନିଆ ତାମିଲନାଡୁ ଗସ୍ତରେ ଯିବେ । ଗସ୍ତ ଅବସରରେ ଉପରାଷ୍ଟ୍ରପତି ଚେନ୍ନାଇ, ଚେଙ୍ଗାଲପଟି, ତିରୁଭରୁ ଏବଂ ତାଞ୍ଜାଭୁର୍‌ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଶ୍ରୀ ରାଧାକ୍ରିଷ୍ଣନ ଆଜି ଚେଙ୍ଗାଲପଟୁଠାରେ ଏସ୍‌ଆର୍‌ଏମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଶିକ୍ଷା ପ୍ରତିଷ୍ଠାନର ୯୯ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ଚେନ୍ନାଇଠାରେ ନାଗାଲ୍ୟାଣ୍ଡ, ମଣିପୁର ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକମରେ ଉପରାଷ୍ଟ୍ରପତି ଯୋଗଦେବେ । ଆସନ୍ତାକାଲି ତିରୁଭରୁଠାରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ସିବିଡିଟି -ଫାଷ୍ଟ୍ ଡିଏସ୍ ରୁଲ୍‌ସ

ବିଦେଶୀ ସମ୍ପତ୍ତି ସୂଚନା ପ୍ରକାଶ ଅଧିନିୟମ-୨୦୨୬ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରାଯାଇଛି । କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ-ସିବିଡିଟି ପକ୍ଷରୁ

ଜାରି ଅଧିସୂଚନା ଅନୁଯାୟୀ ଏହି ନିୟମ ମୁଖ୍ୟତଃ କ୍ଷୁଦ୍ର କରଦାତାଙ୍କ ପାଇଁ ଉଦ୍ଦିଷ୍ଟ । ଆଜିଠାରୁ କାର୍ଯ୍ୟକାରୀ ହେଉଥିବା ଏହି ନିୟମ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହା ଅଧୀନରେ ଅଘୋଷିତ ବିଦେଶୀ ସମ୍ପତ୍ତି,ବିଦେଶରୁ ଆସୁଥିବା ଆୟ ଆଦି ସଂପର୍କରେ ଘୋଷଣା କରିବା ସହ ଏ ସଂପର୍କିତ ଟିକସ ପ୍ରଦାନ ମାଧ୍ୟମରେ ଏହାକୁ ବୈଧ କରାଯିବାର ସୁବିଧା ରହିଛି । ଅର୍ଥ ଆଇନ-୨୦୨୬ ଅନ୍ତର୍ଗତ ଏହି ଅଧିନିୟମ କାର୍ଯ୍ୟକାରୀ କରାଯାଇଛି । କ୍ଷୁଦ୍ର କରଦାତାଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ଏସଂପର୍କିତ ସୂଚନା ପ୍ରଦାନ କରିବାରେ ଏହା ସହାୟକ ହୋଇଥାଏ । କରଦାତାଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଅପ୍ରକାଶିତ ବିଦେଶୀ ସଂପତ୍ତି ସଂପର୍କରେ ସୂଚନା ପ୍ରଦାନ କରିବାକୁ ପ୍ରତିବର୍ଷ ଆୟକର ବିଭାଗ ପକ୍ଷରୁ ଏଭଳି ଅଧିସୂଚନା ଜାରି କରାଯାଇଥାଏ ।

## ଅମିତ ଶାହା-ରାଜସ୍ଥାନ ଭିଜିଟ୍

ସ୍ୱରାଷ୍ଟ୍ର ଓ ସମବାମୟ ମନ୍ତ୍ରୀ ଅମିତ ଶାହା ଆଜି ରାଜସ୍ଥାନର ଅଲୱାରସ୍ଥିତ ଏକ ନୂତନ ଦୁଗ୍ଧ ପ୍ଲାଣ୍ଟର ଶିଳାନ୍ୟାସ କରିବେ । ଅଲୱାର ସାରସ ଡାଏରୀ କଂପ୍ଲେକ୍ସଠାରେ ଏହି ନୂତନ ପ୍ଲାଣ୍ଟ୍‌ଟି ନିର୍ମାଣ କରାଯିବ । ଏଥିସହ ଶ୍ରୀ ଶାହା ବିଭିନ୍ନ ଦୁଗ୍ଧ ସଂଘର ଡାଏରୀ ପ୍ରକ୍ରିୟାକରଣ ପ୍ଲାଣ୍ଟ ଓ ଗୋଖାଦ୍ୟ ପ୍ଲାଣ୍ଟଗୁଡ଼ିକର ମଧ୍ୟ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ରାଜସ୍ଥାନର ୧୭ଟି ଜିଲ୍ଲାରେ ବିଭିନ୍ନ ବିକାଶ

କାର୍ଯ୍ୟକ୍ରମର ଶ୍ରୀ ଶାହା ଆଭାସୀ ମାଧ୍ୟମରେ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ୬ ହଜାର ୨୬୨ କୋଟି ଟଙ୍କା ବ୍ୟୟରେ ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ନିର୍ମିତ ହୋଇଛି । ଏହି ଅବସରରେ ଶ୍ରୀ ଶାହା ୧୦ ହଜାର ୫୦୦ରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ନୂତନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗଠନ ସଂପର୍କରେ ମଧ୍ୟ ଶ୍ରୀ ଶାହା ଆଜି ଘୋଷଣା କରିବେ ବୋଲି ଜଣାପଡ଼ିଛି । ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ପ୍ରଦାନ କରିବେ । ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏଥିରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ହିତାଧିକାରୀ ରହିଛନ୍ତି ।

## ଏନ୍‌ଟିଏ ଆନ୍ସର କିଜ୍

ୟୁଜିସି-ନେଟ୍ ଜୁନ୍ ୨୦୨୬, ସିଏସ୍‌ଆଇଆର୍-ନେଟ୍, ଆଇସିଏଆର ଆଦି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାର ଅସ୍ଥାୟୀ ଉତ୍ତରାବଳୀ ସଂପର୍କିତ ତଥ୍ୟ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଆଜି ପ୍ରକାଶ କରାଯିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏନ୍‌ଟିଏ ଏ ସଂପର୍କରେ ସୂଚନା ଦେଇ କହିଛି, ଏଥିରେ ପିଏଚ୍.ଡି ପାଠ୍ୟକ୍ରମ ପାଇଁ ମଧ୍ୟ ହୋଇଥିବା ପ୍ରବେଶିକା ପରୀକ୍ଷାର ଉତ୍ତର ପ୍ରକାଶ କରାଯିବ । ଏନ୍‌ଟିଏର ୱେବ୍‌ସାଇଟ୍‌ରେ ଏ ସଂପର୍କିତ ତଥ୍ୟ ଉପଲବ୍ଧ ହେବ । ତେବେ ଏନଟିଏର ସରକାରୀ

ୱେବ୍‌ସାଇଟ୍ ଉପରେ ନିର୍ଭର କରିବାକୁ ପରୀକ୍ଷାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି ।

## ଅମ୍ରିତ ଉଦ୍ୟାନ

ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ସାଧାରଣ ଲୋକଙ୍କ ପାଇଁ ଆଜିଠାରୁ ଉନ୍ମୁକ୍ତ ହେବ । ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ । ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜନସାଧାରଣ ଏହି ଉଦ୍ୟାନ ପରିଦର୍ଶନ କରିପାରିବେ । ସୋମବାର ରକ୍ଷଣାବେକ୍ଷଣା ପାଇଁ ବନ୍ଦ ରହିବ । ଉଦ୍ୟାନକୁ ପ୍ରବେଶ କରିବାର ଶେଷ ସମୟ ଅପରାହ୍ନ ୫ଟା ଧାର୍ଯ୍ୟ ହୋଇଛି । ବାଲ୍‌ବାଟିକା, ପ୍ଲୁମେରିଆ ଗାର୍ଡେନ୍, ବାନିଅନ୍ ବଗିଚା, କେନ୍ଦ୍ରୀୟ ଲନ୍ ଏବଂ ବୃତ୍ତାକାର ଉଦ୍ୟାନ ଆଦି ବୁଲି ଦେଖିପାରିବେ । ଉଦ୍ୟାନରେ ଅନେକ ପ୍ରକାର ଫୁଲ ଏବଂ ଫଳଗଛ ଲାଗିଛି । ଉଦ୍ୟାନକୁ ପ୍ରବେଶ କରିବା ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ତେବେ ଏଥିପାଇଁ ପରିଦର୍ଶକଙ୍କୁ ରାଷ୍ଟ୍ରପତି ଭବନ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍‌ରେ ବୁକିଂ କରିବାକୁ ପଡ଼ିବ । ଅନ୍ ଦି ସ୍ପଟ୍ ବୁକିଂର ସୁବିଧା ଉପଲବ୍ଧ ନାହିଁ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି । କେନ୍ଦ୍ରୀୟ ସଚିବାଳୟ ମେଟ୍ରୋ ଷ୍ଟେସନ ଏବଂ ଅମୃତ ଉଦ୍ୟାନର ପ୍ରବେଶ ସ୍ଥାନ ମଧ୍ୟରେ ଏକ ଯାତ୍ରୀବାହୀ ବସ୍ ସେବା ଉପଲବ୍ଧ ରହିଛି । ସକାଳ ସାଢ଼େ ୯ରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଏହି ବସ୍ ଚଳାଚଳ କରିବ ।

## ବ୍ରିକ୍ସ ଆଇସିଟି ଟ୍ରାକ

ଟେଲି ଯୋଗଯୋଗ ବିଭାଗ ପକ୍ଷରୁ ପୁଣେଠାରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଟ୍ରାକ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ଥର କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ଆତ୍ମନିର୍ଭରଶୀଳ ଭବିଷ୍ୟତ ପାଇଁ ନବସୃଜନ, ସହଯୋଗ ଏବଂ ରୂପାନ୍ତରଣ'। ଏହି କାର୍ଯ୍ୟକ୍ରମ ସହିତ ସପ୍ତମ ବ୍ରିକ୍ସ ଆଇ.ସି.ଟି. କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆରମ୍ଭ ହେବ। ବୈଠକରେ ବିକଶିତ ଆଇ.ସି.ଟି. ଇକୋସିଷ୍ଟମ, ଡିଜିଟାଲ ଦକ୍ଷତା, ଦକ୍ଷତା ବିକାଶ ଏବଂ ମାନବ କୈନ୍ଦ୍ରିକ ଡିଜିଟାଲ ପରିବେଶ ସମ୍ପର୍କରେ ଆଲୋଚନା କରାଯିବ।

## କ୍ରିକେଟ୍

ଶ୍ରୀଲଙ୍କାର ଗାଲେ ଠାରେ ଚାଲିଥିବା ଭାରତ-ଶ୍ରୀଲଙ୍କା ଚଳିତ ସିରିଜ୍‌ର ପ୍ରଥମ ଟେଷ୍ଟ୍‌ମ୍ୟାଚ୍‌ରେ ଆଜି ଦ୍ୱିତୀୟ ଦିନର ବ୍ୟାଟିଂ ଭାରତ ଆରମ୍ଭ କରିବ । ଗତକାଲି ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ଦୁଇ ୱିକେଟ୍ ବିନିମୟରେ ୨୮୮ ରନ୍ ସଂଗ୍ରହ କରିଥିଲା । ଦେବଦତ୍ତ ପାଡିକଲ୍ ୧୩୧ ରନ୍, ଏବଂ ରିଷଭ ପନ୍ଥ ୨୭ ରନ୍ କରି ଅପରାଜିତ ଅଛନ୍ତି। ବର୍ଷାଯୋଗୁଁ ଗତକାଲି ୭୩ ଓଭର୍ ଖେଳ ସମ୍ଭବ

ହୋଇପାରିଥିଲା । ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି ।

## ଓ୍ୱେଦର

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ସେଗୁଡ଼ିକ ମଧ୍ୟରେ ଅରୁଣାଚଳପ୍ରଦେଶ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ରହିଛି । ଅନ୍ୟ ଅଞ୍ଚଳଗୁଡ଼ିକ ମଧ୍ୟରେ ଦେଶର ଉତ୍ତରପୂର୍ବାଞ୍ଚଳ, ଛତିଶଗଡ଼, ଗୁଜରାଟ, ହିମାଚଳପ୍ରଦେଶ, ଜାମ୍ମୁକାଶ୍ମୀର, ଲଦାଖ, ଝାଡ଼ଖଣ୍ଡ, କୋଙ୍କଣ ଏବଂ ଗୋଆ, ମଧ୍ୟମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ମଧ୍ୟ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଓଡ଼ିଶା ଉପକୂଳ ସମେତ କର୍ଣ୍ଣାଟକ, ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ ଏବଂ ତେଲଙ୍ଗାନାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।